# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 October – 2025

*************************************

## ମୁଖ୍ୟ ସମ୍ବାଦ

- ଯୁବବର୍ଗଙ୍କ ସ୍ୱପ୍ନ ସାକାର କରିବାରେ ନିଯୁକ୍ତି ମେଳା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି, କହିଲେ ପ୍ରଧାନମନ୍ତ୍ରୀ

— ୧୭ତମ ଜାତୀୟ ରୋଜଗାର ମେଳାରେ ବଣ୍ଟନ କଲେ ୫୧ ହଜାରରୁ ଅଧିକ ନିଯୁକ୍ତି ପତ୍ର

- ଚଳିତମାସରେ ପ୍ରଥମ ପର୍ଯ୍ୟାୟରେ ୧୯ଟି ଜିଲ୍ଲାର ରାସନକାର୍ଡ ଧାରୀଙ୍କୁ ପରିବାର ପିଛା ପ୍ରଦାନ କରାଯିବ ୫ କିଲୋ ଅତିରିକ୍ତ ଚାଉଳ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ

ଏବଂ

- ପୋଲିସ ରୋଗର ପ୍ରାଦୁର୍ଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି, ବିଶ୍ୱ ପୋଲିଓ ଦିବସ

# ପିଏମ୍ ରୋଜଗାର ମେଳା

ଦେଶର ଯୁବବର୍ଗଙ୍କ ସ୍ୱପ୍ନ ସାକାର କରିବାରେ ନିଯୁକ୍ତି ମେଳା ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ନିଯୁକ୍ତିମେଳା ମାଧ୍ୟମରେ ୧୧ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ୧୬ତମ ଜାତୀୟ ରୋଜଗାର ମେଳାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ୨୦୪୭ ବିକଶିତ ଭାରତ ସ୍ୱପ୍ନ ସଂକଳ୍ପ ନେଇ ଗତ ୧୧ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଇଛି। ଏଥିରେ ଯୁବବର୍ଗଙ୍କ ଯଥେଷ୍ଟ ଅବଦାନ ରହିଛି। ଯୁବବର୍ଗଙ୍କୁ ସଶକ୍ତ କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ବିକଶିତ ଭାରତ ସ୍ୱପ୍ନ ପୂରଣ ମାଧ୍ୟମରେ ଦେଶରେ ସାଢ଼େ ୩ କୋଟି ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

**- V/O -**

ଶ୍ରୀ ମୋଦୀ କହିଛନ୍ତି, ସ୍କିଲ୍ ଇଣ୍ଡିଆ ମିଶନ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ତାଲିମ ପ୍ରଦାନ କରୁଛି।

ଏହି ଅବସରରେ ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ଭିନ୍ନ ଭିନ୍ନ ବିଭାଗରେ ନୂଆକରି ଚାକିରି ପାଇଥିବା ୫୧ ହଜାରରୁ ଅଧିକ ଯୁବକ-ଯୁବତୀଙ୍କୁ ଆଜି

ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଦେଶର ୪୦ଟି ଅଂଚଳରେ ଆଜି ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି।

ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି ରୋଜଗାର ମେଳାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

## ସବ୍ କୀ ଯୋଜନା

'ସବ୍ କୀ ଯୋଜନା, ସବ୍ କୀ ବିକାଶ' ଆଧାରିତ ଏକ ଦୁଇମିନିଟ୍‌ର ଜନସଚେତନତା ଚଳଚ୍ଚିତ୍ର ଆଜିଠାରୁ ଦେଶର ସମସ୍ତ ସିନେମାହଲ୍‌ଗୁଡ଼ିକରେ ପ୍ରଦର୍ଶନ କରାଯାଉଛି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନଅଂଶଗ୍ରହଣ ଏବଂ ସରକାରୀ ଯୋଜନାଗୁଡ଼ିକର ପରିପୂର୍ଣ୍ଣ ସମନ୍ୱୟ ଦୃଷ୍ଟିକୋଣ ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ଆର୍ଥିକବର୍ଷ ପାଇଁ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିରେ ଏହି ଅଭିଯାନ ଜନସଚେତନତା ଏବଂ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ ଆଶା ବ୍ୟକ୍ତ କରିଛି। ତେବେ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବା ଅଂଚଳଗୁଡ଼ିକରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ନାହିଁ। ମୁଖ୍ୟ ଚଳଚ୍ଚିତ୍ର ଆରମ୍ଭ ପୂର୍ବରୁ ଏବଂ ଅନ୍ତରାଳ ଅବଧିର ଶେଷ ପାଞ୍ଚମିନିଟ୍ ମଧ୍ୟରେ ଏହି କ୍ଷୁଦ୍ର ଚଳଚ୍ଚିତ୍ରଟିର ପ୍ରସାରଣ କରାଯିବ।

## ଚାଉଳ ଯୋଗାଣ

ଚଳିତମାସରେ ପ୍ରଥମ ପର୍ଯ୍ୟାୟରେ ରାସନକାର୍ଡଧାରୀଙ୍କୁ ପରିବାରପିଛା ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଦେବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ୧୦ ଲକ୍ଷ ୫୭ ହଜାର ୧୧୨ ଦଶମିକ ୭ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଜିଲ୍ଲାରେ ଅତିରିକ୍ତ ଚାଉଳ ପ୍ରଦାନ ନେଇ ପଦକ୍ଷେପ ନିଆଯାଉଛି। ଏହି ଜିଲ୍ଲାଗୁଡ଼ିକ ହେଉଛି- ଅନୁଗୁଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଏବଂ ନୟାଗଡ଼। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଏହି ୧୯ଟି ଜିଲ୍ଲାର ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ପ୍ରଦାନ ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବର, ଅକ୍ଟୋବର ଏବଂ ନଭେମ୍ବର ମାସର ପ୍ରଥମେ ଚାଉଳ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତାମାସ ୧୦ ତାରିଖ ସୁଦ୍ଧା ଏହି ତିନି ମାସର ଚାଉଳ ବଣ୍ଟନ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚାଉଳ ବଣ୍ଟନ ସମସ୍ୟା ସୃଷ୍ଟି ହେଲେ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗକୁ ତୁରନ୍ତ ଜଣାଇବା ପାଇଁ ସରକାର ପରାମର୍ଶ ଦେଇଛନ୍ତି।

## କୃଷି ପର୍ଯ୍ୟଟନ

ରାଜ୍ୟରେ କୃଷି ପର୍ଯ୍ୟଟନକୁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

ରାଜ୍ୟରେ ରହିଥିବା ଅବ୍ୟବହୃତ କୃଷି ଫାର୍ମଗୁଡ଼ିକୁ ଶସ୍ୟ ଗଚ୍ଛିତ ରଖିବା ପାଇଁ ବିକାଶ କରିବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। ଭବିଷ୍ୟତରେ ଡାଲି ଏବଂ ତୈଳବୀଜ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭର ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ଆଶା ବ୍ୟକ୍ତ କରିଛନ୍ତି।

## ନୂଆପଡା ଉପନିର୍ବାଚନ

**ନୂଆପଡା** ବିଧାନସଭା ଉପନିର୍ବାଚନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ। ଯାଞ୍ଚ ପରେ ୧୪ ଜଣଙ୍କର ପ୍ରାର୍ଥୀପତ୍ର ବୈଧ ରହିଛି। ନାମାଙ୍କନପତ୍ର ଦାଖଲ କରିଥିବା ୧୯ ଜଣଙ୍କ ମଧ୍ୟରୁ ଯାଞ୍ଚ ସମୟରେ ୫ ଜଣଙ୍କର ପ୍ରାର୍ଥୀପତ୍ର ଖାରଜ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଜୟ ଢ଼ୋଲକିଆ, ବିଜେଡି ପକ୍ଷରୁ ସ୍ନେହାଁଙ୍ଗିନୀ ଛୁରିଆ ଏବଂ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତାମାସ ୧୧ ତାରିଖରେ ମତଗ୍ରହଣ ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ବିଶ୍ୱ ପୋଲିଓ ଦିବସ

ଶିଶୁମାନଙ୍କୁ ପୋଲିଓ ରୋଗରୁ ରକ୍ଷା କରିବାପାଇଁ ଟିକାକରଣର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ପୋଲିଓ ଦିବସ ପାଳନ କରାଯାଉଛି । ପ୍ରଥମ ପୋଲିଓ ଟିକା ବିକଶିତ କରିବାରେ ନେତୃତ୍ୱ ନେଇଥିବା ଡକ୍ତରୀ ଅନୁସନ୍ଧାନକାରୀ ଜୋଲସ୍ ସାଲକଙ୍କ ଜନ୍ମଦିନକୁ ସ୍ମରଣ ଉଦ୍ଦେଶ୍ୟରେ ରୋଟାରୀ ଇଣ୍ଟରନ୍ୟାସନାଲ୍ ପକ୍ଷରୁ ଏହି ଦିବସ ପାଳନ ପ୍ରଥମେ

ଆରମ୍ଭ କରାଯାଇଥିଲା । ପୋଲିଓ ଏକ ଭୂତାଣୁଜନିତ ସଂକ୍ରାମକ ରୋଗ, ମୁଖ୍ୟତଃ ୫ ବର୍ଷରୁ କମ୍ ପିଲାମାନେ ଏହି ରୋଗରେ ସଂକ୍ରମିତ ହୋଇଥା'ନ୍ତି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "End Polio : Every Child, Every Vaccine, Everywhere" - ସବୁଠାରେ ପ୍ରତି ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇ ପୋଲିଓ ଶେଷ କରିବା ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ରୋଟାରୀ ଇଣ୍ଟରନ୍ୟାସନାଲ୍, ମିଳିତ ଜାତିସଂଘ ଶିଶୁପାଣ୍ଠି-ୟୁନିସେଫ୍, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଶିଶୁମାନଙ୍କୁ ଟିକା ପ୍ରଦାନର ମହତ୍ତ୍ୱ ବିଷୟରେ ସଚେତନ କରାଯାଉଛି । ଏହି ଜୀବାଣୁ ମଳ-ମୁଖ ପଥ ମାଧ୍ୟମରେ ଅନ୍ତନଳୀରେ ପ୍ରବେଶ କରି ପକ୍ଷାଘାତର କାରଣ ହୋଇଥାଏ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଲିଓମୁକ୍ତ ବିଶ୍ୱ ଗଠନ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ପ୍ରତ୍ୟେକ ଶିଶୁକୁ ଟିକାକରଣ ଦ୍ୱାରା ଭବିଷ୍ୟତ ସୁରକ୍ଷିତ ରଖିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ପୋଲିଓ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରତ୍ୟେକ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନରେ ସହଯୋଗ ପ୍ରଦାନ କରିବାକୁ ଶ୍ରୀମତୀ ପରିଡା ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ।

## ଜୈବିକ ଚାଷ

ଆଗାମୀ ରଥଯାତ୍ରା ଅବସରରେ ବଳଭଦ୍ର ଜୈବିକ ଚାଷ ମିଶନ ଦ୍ୱାରା ଉତ୍ପାଦିତ ଚାଉଳକୁ କୋଠ ଭୋଗ ପ୍ରସ୍ତୁତିରେ ବିନିଯୋଗ କରାଯିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଶ୍ରୀଅନ୍ନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜୈବିକ ଚାଷ କରାଯାଉଛି। ସେ କହିଛନ୍ତି, ନିଆଳୀ ଏବଂ କୋରାପୁଟରେ ଜୈବିକ ଧାନ ଚାଷ କରାଯାଉଛି। ଶ୍ରୀ ପାଢ଼ୀ କହିଛନ୍ତି..

**- V/O –**

## କାଳୀ ଭସାଣୀ

କଟକରେ କାଳୀ ଭସାଣୀ ଆରମ୍ଭ ହୋଇଛି। ବିଭିନ୍ନ ସାହି ପରିକ୍ରମା ପରେ ମେଢ଼ଗୁଡ଼ିକ ଦେବୀଗଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଭସାଣୀ ପାଇଁ ପୂର୍ବାହ୍ଣ ୧୦ଟାରୁ ବିଭିନ୍ନ ରାସ୍ତାରେ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ମୂର୍ତ୍ତି ବିସର୍ଜନ ପାଇଁ ଦେବୀଗଡ଼ାରେ ଅସ୍ଥାୟୀ ପୁଷ୍କରିଣୀ ନିର୍ମାଣ କରାଯାଇଛି।

## ଜାଗରଣ ଯାତ୍ରା

**ଭଦ୍ରକ** ଜିଲ୍ଲା ଚରମ୍ପା କାଳୀପୂଜାରେ ମହାସଂସ୍କୃତି ଜାଗରଣ ଯାତ୍ରା ଉଦ୍‌ଘାଟିତ ହୋଇଛି। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଆୟୋଜିତ ଜାଗରଣ ଯାତ୍ରାକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଶୁଭାରମ୍ଭ କରିଥିଲେ।

## ଗିରି ଗୋବର୍ଦ୍ଧନ ଉତ୍ସବ

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜିଠାରୁ ଗିରି ଗୋବର୍ଦ୍ଧନ ଉତ୍ସବ ପାଳନ କରାଯାଉଛି । ବୀରମହାରାଜପୁର ଉପଖଣ୍ଡର ଶ୍ୟାମସୁନ୍ଦର କୁଞ୍ଜକୁଟୀର, ଖମାର ମଠ ସମେତ ଦେଉଳଝରୀ ଗୁମ୍ଫା, ନୃସିଂହ ଖମନ ଏବଂ ଅଇଁଲାଛାଟ ଗାଁରେ ଗିରି ପୂଜନ ସହ ଭଗବାନ କୃଷ୍ଣଙ୍କର ସ୍ୱତନ୍ତ୍ର ପୂଜା-ଅର୍ଚ୍ଚନା କରାଯାଇଛି । ଏହି ଅବସରରେ ଆୟୋଜିତ ଭଜନ-ସଂକୀର୍ତ୍ତନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।  ଉଲୁଣ୍ଡା ବ୍ଲକ୍‌ର ଅଇଁଲାଛାଟ ଛକରେ ୫ଟି ଗାଁର ଗ୍ରାମବାସୀଙ୍କ ଦ୍ୱାରା ଗୋବର୍ଦ୍ଧନ ମହୋତ୍ସବ ୫ଦିନ ଧରି ଆୟୋଜିତ ହେଉଛି ।

## ତାଲିମ କର୍ମଶାଳା

ରାଜ୍ୟର କାରଖାନାଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ଏବଂ ସୁରକ୍ଷିତ କର୍ମ ପରିବେଶ ସୃଷ୍ଟି କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଭୁବନେଶ୍ୱର ରାଜ୍ୟ ଶ୍ରମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ସୁରକ୍ଷା ଏବଂ ଗୁଣବର୍ତ୍ତା ଆଧାରିତ 'ରିଫ୍ରେସର କୋର୍ସ୍ ଇନ୍ ଫାଷ୍ଟ ଏଡ୍' ଶୀର୍ଷକ ଏକ ରାଜ୍ୟସ୍ତରୀୟ ତାଲିମ୍ କର୍ମଶାଳା ଆୟୋଜିତ ହୋଇଯାଇଛି । କାରଖାନା ଏବଂ ବ୍ରଏଲର ନିର୍ଦ୍ଦେଶାଳୟର ସୁରକ୍ଷା ଉପନିର୍ଦ୍ଦେଶକ ଡକ୍ଟର ମଳୟ କୁମାର ପ୍ରଧାନ ଏଥିରେ ଯୋଗଦେଇ କାରଖାନାଗୁଡ଼ିକରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସମୟୋଚିତ ପ୍ରାଥମିକ ଚିକିତ୍ସା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ଆଶଙ୍କା ୯୦ ପ୍ରତିଶତରୁ ଅଧିକ ରୋକାଯାଇ ପାରିବ

ବୋଲି ସେ କହିଛନ୍ତି। ବିଭିନ୍ନ ପ୍ରତିଷ୍ଠାନ ପକ୍ଷରୁ ୫୭ଜଣ କାରଖାନା ଅଧିକାରୀ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଗାମୀ ୩ ଦିନ ମଧ୍ୟରେ ବଜ୍ରପାତ ସହିତ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୭ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୮ ଓ ୨୯ ତାରିଖରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ।

ଆସନ୍ତା ୨୪ ଘଂଟା ମଧ୍ୟରେ ବଜ୍ରପାତ ଓ ବର୍ଷା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଜିଲ୍ଲାଗୁଡିକ ହେଲା କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି।